# ରାଜର୍ଷି କୁରୁଙ୍କ ଦ୍ୱାରା ନିର୍ମାଣକ୍ଷେତ୍ରର ସମ୍ମାନ ରହୁ

ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସି, ଗର୍ଭଧାରିଣୀ ମାତା ତଥା ଶିଶୁ ଭୂମିଷ୍ଠ ପରେ ଯେଉଁ ଭୂମି ଧାରଣ କରି ପାରୁଛି ତାହା ସ୍ୱର୍ଗଠାରୁ ମହାନ୍ ବା ଅପେକ୍ଷାକୃତ ମହତ୍ତ୍ୱପୂର୍ଣ୍ଣ । ସେପରି, ଦକ୍ଷିଣେନ ସରସ୍ୱତୀ ଦୃଷଦ୍‌ବତ୍ୟୁର ରେଣେ ତ ଯେ ବସନ୍ତି କୁରୁକ୍ଷେତ୍ରେ ସେ ବସନ୍ତି ତ୍ରିବିଷ୍ଟପେ । ଅର୍ଥାତ୍, ଯେଉଁମାନେ ଋଷିକୁଲ୍ୟା ସରସ୍ୱତୀର ଦକ୍ଷିଣରେ ତଥା ମହେନ୍ଦ୍ରତନୟା ଦୃଷଦବତୀ ସଂଲଗ୍ନ ବଂଶଧାରାର ଉତ୍ତର ପାର୍ଶ୍ୱରେ ବସବାସ କରି ଆସୁଛନ୍ତି, ସେମାନେ ସ୍ୱର୍ଗ କ୍ଷେତ୍ରରେ ବସବାସ କରୁଥିବା ପରି ବୋଧ କରିବା ଉଚିତ ।

ପ୍ରାୟ ଦୁଇ କୋଟି ବର୍ଷ ତଳେ ଏହି କୁରୁକ୍ଷେତ୍ର ସମନ୍ତ ପଞ୍ଚକ ନାମ ବୋଲାଉ ଥିଲା । ସେ କାଳେ ରାଜର୍ଷି କୁରୁ ରାଜା ବୋଲାଇବା ପରେ ମତ୍ସ୍ୟ, ଚେଦି, ନୈଷଦ, ବିଦର୍ଭ, କୋଶଳ, ଉତ୍ତର କୋଶଳ, ମଗଧ, ପାଞ୍ଚାଳ, ଇନ୍ଦ୍ରପ୍ରସ୍ଥ, ଯମପ୍ରସ୍ଥ, ହସ୍ତିନା, ବାରୁଣା ଓ ଜୟନ୍ତା ଇତ୍ୟାଦି ନାମରେ ୧୩ଟି ପ୍ରଦେଶକୁ ନେଇ ପ୍ରଥମେ କୁରୁଜାଙ୍ଗଳ ରାଷ୍ଟ୍ର ରାଜର୍ଷି କୁରୁ ଗଠନ କରିପାରିଥିଲେ । ପରେ, ନିଜ ରାଜ୍ୟ ମତ୍ସ୍ୟ କ୍ଷେତ୍ରରେ ଯେଉଁ କ୍ଷେତ୍ର ନିର୍ମାଣ କରିଥିଲେ, ତାହାରି ସୀମା ଓ ଚାରି ଦ୍ୱାର ତଥା ତରନ୍ତୁକ, ଅରନ୍ତୁକ, ମଚକ୍ରୁକ ଓ ରାମାହ୍ଲାଦକୁ ନେଇ କୁରୁକ୍ଷେତ୍ର ନିର୍ମାଣ କରିଥିଲେ । ରାଜର୍ଷି କୁରୁଙ୍କ ଉକ୍ତ କ୍ଷେତ୍ର ନିର୍ମାଣରେ ଆଜିର ପୁରୁଣା ବ୍ରହ୍ମପୁରର ଝରଣା ସାହିରେ ଥିବା କାଳୀ ମନ୍ଦିର କୁରୁ କ୍ଷେତ୍ରର କେନ୍ଦ୍ର ରୂପେ ଅନୁମିତ । କାରଣ କୁରୁକ୍ଷେତ୍ରର ଚିହ୍ନଟ ହେବା ପୂର୍ବରୁ ଏହି କ୍ଷେତ୍ର ମଧ୍ୟରେ ବ୍ରହ୍ମର୍ଷି ବୃଦ୍ଧଗର୍ଗ ଏକ ଦୀର୍ଘକାଳୀନ ଯଜ୍ଞ କରାଇ ସେ ପୂର୍ଣ୍ଣାହୁତି କାଳରେ ବ୍ରହ୍ମଦେବଙ୍କୁ ନିମନ୍ତ୍ରଣ କରିଥିଲେ । ବ୍ରହ୍ମଦେବ ନିଜର ମାନସ ସନ୍ତାନ ବୃଦ୍ଧଗର୍ଗଙ୍କ ନିମନ୍ତ୍ରଣ ରକ୍ଷା କରି କାଳୀମନ୍ଦିର ଥିବା କ୍ଷେତ୍ରକୁ ଛାୟା ରୂପେ ବିସ୍ତାର ହୋଇ ଅବତରଣ କରିଥିଲେ ।

ମହାଭାରତ ଗ୍ରନ୍ଥର ତୀର୍ଥଯାତ୍ରା ପର୍ବ ଅଧ୍ୟାୟ ୮୩ରେ ଥିବା ୪ର୍ଥ ଓ ୨୦୮ ଶ୍ଳୋକପାଠରେ ସୀମା ତଥା ଚାରି ଯକ୍ଷଦ୍ୱାରର ବର୍ଣ୍ଣନା କୁରୁକ୍ଷେତ୍ରରେ ରହିଛି । କୁରୁକ୍ଷେତ୍ର ପୂର୍ବ ପାର୍ଶ୍ୱରେ କୌରବ ପାଣ୍ଡବଙ୍କ ମଧ୍ୟରେ ସଂଗ୍ରାମ ହେବା କାଳେ ଭଗବାନ ବଳରାମ ସଂଗ୍ରାମରେ କୌଣସି ପକ୍ଷଭୁକ୍ତ ନ ହୋଇ ତୀର୍ଥଯାତ୍ରାରେ ଯାଇଥିଲେ । ସେ କାଳେ ସେ ଗର୍ଗ ସ୍ରୋତ ତୀର୍ଥ ସାରି ଜନପଦ ଶିଙ୍ଗାବାଡ଼ି ଠାରେ ଥିବା ମହାଶଙ୍ଖ ବୃକ୍ଷ ନିମ୍ନରେ ସ୍ନାନ କରି ତୀର୍ଥସ୍ଥଳୀ ଦର୍ଶନ କରିଥିଲେ । ସେଠାରେ ବୃକ୍ଷଟି ମେରୁପର୍ବତ ତୁଲ୍ୟ ଦେଖାଯାଉଥିଲା । ଶ୍ୱେତପଦ୍ମ ତୁଲ୍ୟ ଉଜ୍ଜ୍ୱଳ ଥିଲା । ଯକ୍ଷ, ବିଦ୍ୟାଧର, ରାକ୍ଷସ, ପିଶାଚ ତଥା ସିଦ୍ଧଗଣ ମଧ୍ୟ ବାସ କରୁଥିଲେ । (ମହାଗଦାପର୍ବ ଅଧ୍ୟାୟ ୩୬, ଶ୍ଳୋକ ୨୦ରୁ ୨୪ରେ ବର୍ଣ୍ଣିତ) ।

ଜନପଦ ଶିଙ୍ଗବାଡ଼ିର ରମେଶ ଗୌଡ଼ ନାମକ ବ୍ୟକ୍ତି ପୂର୍ବଜଙ୍କ ଠାରୁ ଏପରି ବୃକ୍ଷ ଥିବା ଶୁଣିଥିଲେ କହି ସାମ୍ବାଦିକ ମନୋଜ କୁମାର ସାମଲଙ୍କ ସମ୍ମୁଖରେ ପ୍ରକାଶ କରିଥିଲେ । ଅଧ୍ୟାୟ ୧-ଶ୍ଳୋକ ୫ରେ ମହାଭାରତର ଭୀଷ୍ମପର୍ବରେ ବର୍ଣ୍ଣିତ ଏହି ଯେ ନିଜ ନିଜ ସେନାଙ୍କ ସହ ପାଣ୍ଡବଙ୍କ ଯୋଦ୍ଧାଗଣ କୌରବ ସେନାଙ୍କ ସମ୍ମୁଖୀନ ପାଇଁ ପୂର୍ବମୁଖ ହୋଇ ପଶ୍ଚିମ ପାର୍ଶ୍ୱରେ ରହିଥିଲେ । ଏପରି ଯୁଦ୍ଧ ପ୍ରସ୍ତୁତି କ୍ଷେତ୍ରଟି ପୁରୁଣା ବ୍ରହ୍ମପୁର ଠାରେ ଝରଣା ସାହି କାଳୀ ମନ୍ଦିର ଅଗ୍ନିକୋଣରେ ରହି ଆସିଥିବା ଶ୍ରୀମଦ୍ ଭଗବତ୍ ଗୀତା ବିଷାଦ ଯୋଗରେ ବର୍ଣ୍ଣିତ ଥିବା ଶ୍ଳୋକରେ ଦୃଷ୍ଟିକୁ ଆସିଛି । ଏହି କ୍ଷେତ୍ରରୁ ଯୁଦ୍ଧର ପ୍ରଥମ ଭୟଙ୍କର ଧ୍ୱନି ଶୁଣାଯାଇଥିଲା । ସେହି ଧ୍ୱନି ମଧ୍ୟରେ ଶ୍ରୀକୃଷ୍ଣଙ୍କ ପଞ୍ଚଜନ୍ୟ, ଅର୍ଜ୍ଜୁନଙ୍କ ଦେବଦତ୍ତ, ଭୀମଦେବଙ୍କ ପୌଣ୍ଡ୍ର, ଧର୍ମରାଜଙ୍କ ଅନନ୍ତ ବିଜୟ, ନକୁଳଙ୍କ ସୁଘୋଷ ତଥା ସହଦେବଙ୍କ ମଣିପୁଷ୍ପକ ଶଙ୍ଖ ଏକକାଳୀନ ଧ୍ୱନି କରିବା ସହ ଶିଖଣ୍ଡୀ, ଧୃଷ୍ଟଦ୍ୟୁମ୍ନ, ରାଜା ବିରାଟ, ଶ୍ରୀକୃଷ୍ଣ ଶିଷ୍ୟ ସାତ୍ୟକୀ, ରାଜା ଦ୍ରୁପଦ, ଦ୍ରୌପଦୀଙ୍କ ପାଞ୍ଚ ପୁତ୍ରଙ୍କ ସମେତ ସୁଭଦ୍ରାଙ୍କ ବୀରପୁତ୍ର ଅଭିମନ୍ୟୁ ନିଜନିଜର ଶଙ୍ଖ ବଜାଇଥିଲେ ।

ବ୍ରହ୍ମପୁର କାଳୀମନ୍ଦିର ଅଗ୍ନିକୋଣରେ ଜନପଦ ବାଘଲଟି ରହିଛି । ପ୍ରଚଳିତ 'ବା' ପରି 'ଘ'ର ଅର୍ଥ ଧିରେ ଧିରେ ପ୍ରହାର କରିବା । ପ୍ରହାର ପରେ ପରେ ଲଟି ବା ଜଙ୍ଗଲ ପରି କ୍ଷେତ୍ରର ଚରିତ୍ର ସୃଷ୍ଟି ହୋଇଥିଲା । ଏହି ବାଘଲଟି ଜନପଦର ଚାରିଦିଗରେ ଥିବା ଗାଁଗୁଡ଼ିକର ନାମକୁ ଯଦି ବିଶ୍ଳେଷଣ କରାଯାଏ, ତେବେ କୁରୁକ୍ଷେତ୍ରରେ ହେବା ସମରକୁ ଅକ୍ଲେଶରେ ବୋଧ କରିହେବ । ଯେପରି ଜନପଦ ଶିହଳା । ମାନସିକତାକୁ ଉତ୍ତେଜିତ କରିବା ହିଁ 'ଶି' କୁହାଯାଏ ଏବଂ ଅତ୍ୟନ୍ତ ଆତ୍ମୀୟତା ବ୍ୟକ୍ତିଙ୍କୁ ଏପରି ଉତ୍ତେଜିତ କରିବା ହିଁ 'ହଳା' କୁହାଯାଏ । ଅର୍ଥାତ୍ ଆପଣାଜନଙ୍କୁ ଦେଖି, ଅର୍ଜ୍ଜୁନ ସମରକାଳେ ବିଷାଦଗ୍ରସ୍ତ ହୋଇଥିଲେ । ଅର୍ଜ୍ଜୁନଙ୍କ ମାନସିକତାକୁ ଶ୍ରୀକୃଷ୍ଣ ଏଠାରେ ଦେଖି ନିଜ ଆତ୍ମୀୟତା ଜନ ବିଚାର କରି ଯେପରି ଉତ୍ତେଜିତ ହେବେ, ସେପରି କଥାମାନ ଉପଦେଶ ଛଳରେ ଅର୍ଜ୍ଜୁନ ଏଠାରେ କହିଥିଲେ । ଦକ୍ଷିଣରେ ଥିବା ଜନପଦ, ଜଳନ୍ତର ଠାରେ ଭୀଷ୍ମଙ୍କ ଶରଶଯ୍ୟା କାରଣ ହୋଇ ତଥା ଭୀଷ୍ମଙ୍କ ତୃଷ୍ଣା ନିବାରଣକୁ ନେଇ ଅର୍ଜ୍ଜୁନ ଶର ଦ୍ୱାରା ଜଳର ଅନ୍ତର ଦୂର କରିଥିବାରୁ କ୍ଷେତ୍ରନାମକୁ ଜଳନ୍ତର କହି ଏଠାରେ ବୋଲାଇ ଆସୁଛି । କୁରୁକ୍ଷେତ୍ର ସମ୍ପର୍କକୁ ନେଇ ଦକ୍ଷିଣ ପାର୍ଶ୍ୱରେ ଆହୁରି ଅନେକ ଜନପଦ ରହିଛି ତଥା ପାରଳାଖେମୁଣ୍ଡି, ବୁଢ଼ାରସିଂହ, ମଞ୍ଜୁଷା, ଇଚ୍ଛାପୁର, ଖାଣ୍ଡବ ବନ ଇତ୍ୟାଦି ମଧ୍ୟ ରହିଛି ।

ଅପ୍ରିୟ ପରିବେଶକୁ ଭଗବାନ ଶ୍ରୀକୃଷ୍ଣ ଏହି ଅଞ୍ଚଳ ମଧ୍ୟରେ ଅର୍ଜ୍ଜୁନଙ୍କୁ ଯୋଗ ବିଷାଦ ଦ୍ୱାରା ଗୀତା ପ୍ରକାଶର ଆରମ୍ଭ ହୋଇଥିଲା । ପରେ ପରେ, ସାଂଖ୍ୟ ଠାରୁ ମୋକ୍ଷ ସନ୍ନ୍ୟାସ ଯୋଗ ଉଚ୍ଚାରଣରେ ବା ୧୮ଟି ଯୋଗର ପ୍ରଭାବରେ ଅର୍ଜ୍ଜୁନଙ୍କ ମନରେ ରହିଥିବା ମୋହ ଦୂରେଇ ଯାଇଥିଲା । ପୁନଃ, କୁରୁକ୍ଷେତ୍ର ପୂର୍ବାଞ୍ଚଳ ଅରନ୍ତୁକ ଦ୍ୱାରକ୍ଷେତ୍ର ଅମାନବୀୟ ହୋଇ ଯାଇଥିବା କାରଣରୁ ସ୍ୱଧାମ ଗମନ କାଳେ ଶ୍ରୀକୃଷ୍ଣ ଦ୍ୱାରିକା ସହିତ କୁରୁକ୍ଷେତ୍ର ପୂର୍ବାଞ୍ଚଳକୁ ସମୁଦ୍ର ଜଳ ମାଧ୍ୟମରେ ମଗ୍ନ କରି ଦେଇଥିଲେ । ଯାହାକୁ ଆଜି ଯାଏଁ ସମୁଦ୍ରରେ ସେହି ଜଳର ପ୍ରଭାବ ପ୍ରଚଳିତ ହୋଇ ରହି ଆସିଛି । କୁରୁକ୍ଷେତ୍ରାଞ୍ଚଳ ମଧ୍ୟରେ ଯେତେ ସବୁ ଘଟଣା ଘଟି ଆସିଛି, ପ୍ରତ୍ୟେକ ଆତ୍ମସଞ୍ଜମ ଘଟଣାର ସାମାଜିକ, ପୌରାଣିକ ତଥା ଭୌଗୋଳିକ ସ୍ଥିତିକୁ ଦର୍ଶାଇ ତତ୍କାଳୀନ ୨୦୦୮ରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ସମସ୍ତ ବିଷୟ ବର୍ଣ୍ଣନା କରି ଉଦାହରଣ ସହ ବୁଝାଇଥିଲି ।

୨୦୨୨ ନଭେମ୍ବର ୨୮ ତାରିଖରେ ବ୍ରହ୍ମପୁର ହିଁ କୁରୁକ୍ଷେତ୍ରର କେନ୍ଦ୍ର କହି ରାଷ୍ଟ୍ରପତିଙ୍କୁ, ୨୦୨୩ ନଭେମ୍ବର ୧ରେ ରାଜ୍ୟ ସଂସ୍କୃତି ଆୟୁକ୍ତ ତଥା କୁରୁକ୍ଷେତ୍ର ସମ୍ପର୍କିତ ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ୨୦୨୪ ଏପ୍ରିଲ ୨୪ତାରିଖରେ ଇ-ମେଲ ଦ୍ୱାରା ତଥା ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ପୋଷ୍ଟ ଦ୍ୱାରା ୨୦୨୪ ଅଗଷ୍ଟ ୧୧ରେ ବିବରଣୀ ପଠାଇଥିଲି ।

ଉପରୋକ୍ତ ବ୍ୟକ୍ତି ସମୁଦାୟଙ୍କ ଠାରୁ ବିବରଣୀ ପାଇଛୁ କହି ସୂଚନା ନ ପାଇବା ପକ୍ଷେ ରାଷ୍ଟ୍ରଗଣତନ୍ତ୍ର ହୋଇଥିବା କାରଣରୁ ଗଣସମୁଦାୟଙ୍କୁ ବିବରଣୀର ଏତଦ୍ୱାରା ସୂଚନା ଦେବାକୁ ବୋଧ କଲି । ରାଜର୍ଷି କୁରୁ ତଥା ତାଙ୍କର କ୍ଷେତ୍ରର ସମ୍ମାନ ରକ୍ଷା କରାଯିବା ଉଚିତ । ଏଥକୁ ନେଇ ବ୍ୟାସଦେବ ମହାଭାରତର ଆଦିପର୍ବ ଅଧ୍ୟାୟ ୨-୧୨ ଶ୍ଳୋକରେ କହିଛନ୍ତି - ଯେଉଁ ଲକ୍ଷଣ ଦ୍ୱାରା ଯେଉଁ ଅଞ୍ଚଳଯୁକ୍ତ ସେହି ଲକ୍ଷଣ ଦ୍ୱାରା ସେହି ସ୍ଥଳୀ ଯୁକ୍ତ ହେବା ଆବଶ୍ୟକ । କାରଣ ସେ ସ୍ଥଳୀ ଉକ୍ତ ଲକ୍ଷଣ ଦ୍ୱାରା ସ୍ୱଚ୍ଛତା କ୍ରମରେ ନିଜ ମୌଳିକ ପରିଚୟ ଦେଇଥାଏ । ବିଦ୍ୱାନଙ୍କ ବିଚାରରେ ସେହି ଦେଶର ସେହି କ୍ଷେତ୍ରର ନାମ ସେପରି ରଖିବା ଉଚିତ ।

**ପରିଶିଷ୍ଟ :**

ବ୍ୟାସଦେବ ଥିଲେ ଉଚ୍ଚକୋଟୀର ପୁରାଣକାର ତଥା ପରିବେଶବିତ୍ । ଏଣୁ, ତାଙ୍କର ବିଚାର ସାରାଂଶରେ କୁରୁକ୍ଷେତ୍ରର କେନ୍ଦ୍ର ଅଟେ ପୁରୁଣା ବ୍ରହ୍ମପୁର ଝରଣା ସାହିର କାଳୀମନ୍ଦିର । ଶ୍ରୀମଦ୍ ଭାଗବତରେ ସରସ୍ୱତୀଙ୍କ ସତ୍ତା ଯେପରି ରହିଛି, ସେପରି ଶ୍ରୀମଦ୍ ମହାଭାରତରେ କୁରୁକ୍ଷେତ୍ରର ସମ୍ମାନ ରହିଛି । କୁରୁକ୍ଷେତ୍ର ଅନ୍ତର୍ଗତ ରହିଆସିଥିବା ଜନପଦ ଗୁଡ଼ିକର ନାମକୁ ଯଦି ବିଶ୍ଳେଷଣ କରାଯାଏ, ତଦନୁରୂପେ କାର୍ଯ୍ୟକାରୀ କଲେ ପରିବେଶ ମଧ୍ୟରେ ଥିବା ବିଶ୍ୱାସର ବିଷ ରହିବ ନାହିଁ । ମାନସିକ ଶତ୍ରୁତା କମିବା ବିଚାର ଦେଇପାରିବେ । ଯେପରି, ଦୀପଂ ଜ୍ୟୋତି ପରବ୍ରହ୍ମ ଆରାଧନାରେ କ୍ଷେତ୍ର ସଚ୍ଚରିତ୍ର ହୋଇ ରହିବ ।

**ବେଙ୍କଟ ବିହାରୀ ପ୍ରହରାଜ**

**ଋଷିକୁଲ୍ୟା ସରସ୍ୱତୀ ଗବେଷକ, ହିଲପାଟଣା-୫, ବ୍ରହ୍ମପୁର**